# 11th Round of India-China Corps Commander Level Meeting

April 10, 2021

## ଭାରତ-ଚୀନ ମଧ୍ୟରେ 11ତମ ସେନା କମାଣ୍ଡରସ୍ତରୀୟ ବୈଠକ

ଏପ୍ରିଲ 10, 2021

ଭାରତ-ଚୀନ ମଧ୍ୟରେ ଏକାଦଶ ପର୍ଯ୍ୟାୟ ସେନା କମାଣ୍ଡରସ୍ତରୀୟ ବୈଠକ 09 ଏପ୍ରିଲ 2021 ରେ ଚୁସୁଲ-ମୋଲଡୋ ସୀମା ନିକଟରେ ଅନୁଷ୍ଠିତ ହୋଇଥିଲା। ପୂର୍ବ ଲଦାଖରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ବିବାଦକୁ ନେଇ ଅବଶିଷ୍ଟ ସମସ୍ୟାର ସମାଧାନ ପାଇଁ ଉଭୟ ପକ୍ଷ ମଧ୍ୟରେ ବିସ୍ତୃତ ମତ ବିନିମୟ ହୋଇଥିଲା। ଦୁଇ ଦେଶ ମଧ୍ୟରେ ହୋଇଥିବା ଚୁକ୍ତିନାମା ଏବଂ ପ୍ରୋଟୋକଲ ଅନୁଯାୟୀ ବାକି ସମସ୍ୟାର ଶୀଘ୍ର ସମାଧାନ କରିବାର ଆବଶ୍ୟକତା ଉପରେ ଉଭୟ ପକ୍ଷ ସହମତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଏହା ମଧ୍ୟ ଉଲ୍ଲେଖ କରାଯାଇଥିଲାଯେ ଅନ୍ୟ କ୍ଷେତ୍ରରେ ବିବାଦ ସମାପ୍ତ ହେବା ଦ୍ୱାରା ଉଭୟ ପକ୍ଷ ସୈନ୍ୟ ପ୍ରତ୍ୟାହାର ପାଇଁ ବିଚାର କରିବେ ଏବଂ ଶାନ୍ତି ଓ ସ୍ଥିରତାର ସମ୍ପୂର୍ଣ୍ଣ ଭାବେ ପୁନରୁଦ୍ଧାରକୁ ସୁନିଶ୍ଚିତ କରିବେ ଏବଂ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ପାଇଁ କାର୍ଯ୍ୟ କରିବେ। ଉଭୟ ପକ୍ଷ ସହମତ ହୋଇଥିଲେଯେ ନିଜ ଦେଶର ନେତାଙ୍କ ମଧ୍ୟରେ ସହମତିରୁ ମାର୍ଗଦର୍ଶନ ଗ୍ରହଣ କରିବା, ଯୋଗାଯୋଗ ଏବଂ ଆଲୋଚନା ଜାରି ରଖିବା ଏବଂ ଅବଶିଷ୍ଟ ବିଷୟଗୁଡ଼ିକର ପାରସ୍ପରିକ ଗ୍ରହଣୀୟ ସମାଧାନ ଦିଗରେ କାର୍ଯ୍ୟ କରିବା ଜରୁରୀ ଅଟେ। ମିଳିତ ଭାବେ ଭୂମି ସ୍ତରରେ ସ୍ଥିରତା ବଜାୟ ରଖିବା, କୌଣସି ନୂତନ ବିବାଦକୁ ଏଡ଼ାଇବା ଏବଂ ସୀମା ଅଞ୍ଚଳରେ ମିଳିତ ଭାବେ ଶାନ୍ତି ବଜାୟ ରଖିବାକୁ ସେମାନେ ରାଜି ହୋଇଥିଲେ।

ନୂଆଦିଲ୍ଲୀ
ଏପ୍ରିଲ 10, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.